# The Odisha Gazette

**EXTRAORDINARY**

**PUBLISHED BY AUTHORITY**

**No. 1847 CUTTACK, THURSDAY, SEPTEMBER 26, 2019/ASWINA 4, 1941**


## ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, କଳାହାଣ୍ଡି

ଅଧିସୂଚନା

ତାରିଖ 17 ଅଗଷ୍ଟ 2019

ସଂଖ୍ୟା 349—ଭୂ.ଅ.ମା.ସଂ.-୨୧/୨୦୧୮-ଭବାନୀପାଟଣା—ଯେହେତୁ ଓଡିଶା ସରକାରଙ୍କୁ ପ୍ରତୀତ ହେଉଅଛି କି, ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ଅର୍ଥାତ୍ ରେତ୍ ଜଳସେଚନ ପ୍ରକଳ୍ପର ଅତିରିକ୍ତ ଧାମନଖୁଣ୍ଟା ମାଇନର ଓ ସବ୍-ମାଇନର ଦକ୍ଷିଣପାର୍ଶ୍ୱ କେନାଲ ନିର୍ମାଣ ନିମନ୍ତେ ସରକାର ସରକାରୀ ବ୍ୟୟରେ ମୌଜା ଧାମନଖୁଣ୍ଟା, ଥାନା ନର୍ଲା, ତହସିଲ ଲାଞ୍ଜିଗଡ଼, ଜିଲ୍ଲା କଳାହାଣ୍ଡିରେ ନିମ୍ନ ତଫସିଲମତେ ପ୍ରାୟ ଅତିରିକ୍ତ ୧.୧୯ ଏକର ପରିମିତ ଭୂମି ଉପରୋକ୍ତ ଧାମନଖୁଣ୍ଟା ଗ୍ରାମରେ ଆବଶ୍ୟକ ହେଉଅଛି ।

ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ୍, 2013ର ଧାରା 11(1)ର ବ୍ୟବସ୍ଥା ଅନୁଯାୟୀ ଘୋଷିତ ଏହି ପ୍ରାରମ୍ଭିକ ଅଧିସୂଚନାଟି ଏଥିସହିତ ସମ୍ପୃକ୍ତ ସମସ୍ତଙ୍କ ପାଇଁ ପ୍ରଯୁଜ୍ୟ ଅଟେ ।

୧ । ସାର୍ବଜନୀନ ଉଦ୍ଦେଶ୍ୟର ସ୍ୱରୂପ – ଅତିରିକ୍ତ ଧାମନଖୁଣ୍ଟା ମାଇନର ଓ ସବ୍-ମାଇନର ଦକ୍ଷିଣପାର୍ଶ୍ୱ କେନାଲ ନିର୍ମାଣ ନିମନ୍ତେ ।

୨ । ଜମି ଆବଶ୍ୟକ କରୁଥିବା ସଂସ୍ଥାର ନାମ – ନିର୍ବାହୀ ଯନ୍ତ୍ରୀ, ରେତ୍ କେନାଲ ଡ଼ିଭିଜନ, ନର୍ଲା ନଂ. ୨, ନର୍ଲା ।

୩ । କ୍ଷତିଗ୍ରସ୍ତ ଲୋକଙ୍କ ବିସ୍ଥାପନ ଆବଶ୍ୟକତାର କାରଣ – କୌଣସି ବିସ୍ଥାପନ ହେଉନାହିଁ ।

୪ । ସାମାଜିକ ପ୍ରଭାବ ମୂଲ୍ୟାୟନର ସାରାଂଶ – ଉକ୍ତ ପ୍ରକଳ୍ପ ପାଇଁ ପ୍ରଯୁଜ୍ୟ ନୁହେଁ ।

୫ । ପୁନର୍ବାସ ଓ ଥଇଥାନ ପାଇଁ ନିଯୁକ୍ତ ପ୍ରଶାସକଙ୍କ ବିବରଣୀ – ଉପଜିଲ୍ଲାପାଳ, ଭବାନୀପାଟଣା ।

ଜମିର ବିଶଦ ବିବରଣୀ

| ଜିଲ୍ଲାର ନାମ | ତହସିଲ | ଗ୍ରାମ | ଗ୍ରାମାଞ୍ଚଳ/ ସହରାଞ୍ଚଳ | ଖାତା ନଂ. | ପ୍ଲଟ୍ ନଂ. | ଅର୍ଜିତ ହେବାକୁ ଥିବା ଜମିର ପରିମାଣ | ରୟତଙ୍କ ନାମ ଏବଂ ପିତାଙ୍କ ନାମ |
|---|---|---|---|---|---|---|---|
| ଏଥିସହ ସଂଲଗ୍ନ କରାଗଲା | | | | | | | |

ଉକ୍ତ ଭୂମିର ଏକ ନକ୍ସା, ତଥା ବିସ୍ତୃତ ବିବରଣୀ କଳାହାଣ୍ଡି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ, କାର୍ଯ୍ୟଦିବସମାନଙ୍କରେ ଦେଖିବାକୁ ମିଳିପାରିବ ।

ଉକ୍ତ ଅଧିସୂଚନା ଅନ୍ତର୍ଭୁକ୍ତ କୌଣସି ଜମିର କ୍ରୟବିକ୍ରୟ, ହସ୍ତାନ୍ତର (ଦେଣନେଣ) କିମ୍ବା ଦାୟ ସୃଷ୍ଟି କଳାହାଣ୍ଡି ଜିଲ୍ଲାପାଳଙ୍କ ପୂର୍ବାନୁମୋଦନ ବିନା କରାଯାଇପାରିବନାହିଁ ।

ସମ୍ପୃକ୍ତ ଜମିର କୌଣସି ସ୍ୱତ୍ୱାଧିକାରୀ/ଜମିମାଲିକ ଭୂମି ଅଧିଗ୍ରହଣ ଅଧିସୂଚନା ସମ୍ପର୍କିତ ଅଧିସୂଚିତ ଜମିର ଉପଯୋଗିତା, ରକବା ଏବଂ ସାର୍ବଜନୀନ ଉଦ୍ଦେଶ୍ୟର ଔଚିତ୍ୟ ବିଷୟରେ କୌଣସି ଆପତ୍ତି ଉକ୍ତ ପ୍ରାରମ୍ଭିକ ଅଧିସୂଚନା ପ୍ରକାଶନର ୬୦ (ଷାଠିଏ) ଦିନ ମଧ୍ୟରେ କଳାହାଣ୍ଡି ଜିଲ୍ଲାପାଳଙ୍କ ନିକଟରେ ଲିଖିତ ଆକାରରେ ଅଭିଯୋଗ କରିପାରିବେ ।

**ଭୂମି ଅନୁସୂଚୀ**

**ମୌଜା ଧାମନଖୁଣ୍ଟା, ଥାନା ନର୍ଲା ନଂ. ୧୧୨, ତହସିଲ ଲାଞ୍ଜିଗଡ଼, ଜିଲ୍ଲା କଳାହାଣ୍ଡି**

**ଧାମନଖୁଣ୍ଟା ମାଇନରର କେନାଲ ନିର୍ମାଣ ନିମନ୍ତେ**

| ଜିଲ୍ଲାର ନାମ | ତହସିଲର ନାମ | ଗ୍ରାମ | ଗ୍ରାମାଞ୍ଚଳ/ ସହରାଞ୍ଚଳ | ଖାତା ନଂ. | ପ୍ଲଟ୍ ନଂ. | କିସମ | ଜମିର ମୋଟ ରକବା | ଅର୍ଜିତ ହେବାକୁଥିବା ଜମିର ପରିମାଣ | ରୟତଙ୍କ ନାମ ଏବଂ ପିତାଙ୍କ ନାମ |
|---|---|---|---|---|---|---|---|---|---|
| (୧) | (୨) | (୩) | (୪) | (୫) | (୬) | (୭) | (୮) | (୯) | (୧୦) |
| | | | | | | | ଏକର | ଏକର | |
| କଳାହାଣ୍ଡି | ଲାଞ୍ଜିଗଡ଼ | ଧାମନଖୁଣ୍ଟା | ଗ୍ରାମାଞ୍ଚଳ | ୧୮୧/୪୭ | ୬୨୧ | ଗ୍ରାମ୍ୟ ଜଙ୍ଗଲ | ୧.୮୧ | ୦.୨୬ | ଇନ୍ଦ୍ର ମାଝୀ, ପି. କୁଲୁ ମାଝୀ, ଗୌରୀ ମାଝୀ, ସ୍ୱା. ଇନ୍ଦ୍ର ମାଝୀ, ଜା. କନ୍ଧ, ବା. ନିଜଗାଁ । |
| | | | | ୧୮୧/୫୨ | ୫୫୧ | ଗ୍ରାମ୍ୟ ଜଙ୍ଗଲ | ୧.୭୧ | ୦.୩୦ | ଡ଼ିସେମ୍ବର ଭୋଇ, ପି. ଶତ୍ରୁଘନ ଭୋଇ, ଭାନୁମତୀ ଭୋଇ, ସ୍ୱା. ଡ଼ିସେମ୍ବର ଭୋଇ, ଜା. କନ୍ଧ, ବା. ନିଜଗାଁ । |
| | | | | ୧୮୧/୫୫ | ୫୫୩ | ଗ୍ରାମ୍ୟ ଜଙ୍ଗଲ | ୦.୭୦ | ୦.୧୯ | ବିରଞ୍ଚି ଭୋଇ, ପି. କାଳିଆ ଭୋଇ, ବିଷ୍ଣୁପ୍ରିୟା ଭୋଇ, ସ୍ୱା. ବିରଞ୍ଚି ଭୋଇ, ଜା. କନ୍ଧ, ବା. ନିଜଗାଁ । |
| | | | | | ୫୫୪ | ଗ୍ରାମ୍ୟ ଜଙ୍ଗଲ | ୦.୦୬ | ୦.୦୬ | |
| | | | | ୧୮୧/୨୦ | ୫୪୭ | ଗ୍ରାମ୍ୟ ଜଙ୍ଗଲ | ୦.୮୬ | ୦.୨୫ | ହୀରା ଭୋଇ, ପି. କାଳିଆ ଭୋଇ, ପଚମୀ ଭୋଇ, ସ୍ୱା. ହୀରା ଭୋଇ, ଜା. କନ୍ଧ, ବା. ନିଜଗାଁ । |
| | | | | ୧୮୧/୫୧ | ୫୫୧/ ୨୦୭୯ | ଗ୍ରାମ୍ୟ ଜଙ୍ଗଲ | ୧.୫୦ | ୦.୧୩ | ଚତୁର ଭୋଇ, ପି. ଶତ୍ରୁଘନ ଭୋଇ, ତରୁଣୀ ଭୋଇ, ସ୍ୱା. ଚତୁର ଭୋଇ, ଜା. କନ୍ଧ, ବା. ନିଜଗାଁ । |
| | | | | | | ମୋଟ | .. | **୧.୧୯** | |

ରାଜ୍ୟପାଳଙ୍କ ଆଦେଶାନୁକ୍ରମେ

**ଗାଭାଲି ପି. ହରଶାଦ**

ଜିଲ୍ଲାପାଳ, କଳାହାଣ୍ଡି

Printed and published by the Director, Directorate of Printing, Stationery and Publication, Odisha, Cuttack-10
Ex. Gaz. 1178—173+20